ଓଡ଼ିଶା ସରକାର

# ୧୯୯୬-୯୭ ବର୍ଷର ଆୟବ୍ୟୟ ଅଟକଳ (ଲେଖାନୁଦାନ) ଓଡ଼ିଶା ବିଧାନ ସଭାରେ ଉପସ୍ଥାପନ ଅବସରରେ

ଉପମୁଖ୍ୟମନ୍ତ୍ରୀ ତଥା
ଅର୍ଥମନ୍ତ୍ରୀ

## ଶ୍ରୀଯୁକ୍ତ ବସନ୍ତ କୁମାର ବିଶ୍ୱାଳଙ୍କର

## ଅଭିଭାଷଣ

ମାର୍ଚ୍ଚ ୧୫, ୧୯୯୬

ଅଧ୍ୟକ୍ଷ ମହାଶୟ,

ଏହି ମହାନ୍ ଗୃହରେ 1996-97 ଆର୍ଥିକ ବର୍ଷର ପ୍ରଥମ ଚାରି ମାସ ଲାଗି ଲେଖାନୁଦାନ ଦାବୀ ଉପସ୍ଥାପନ କରିବା ଅବସରରେ ଆଜି ମୁଁ ମାନ୍ୟବର ସଭ୍ୟମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଜ୍ଞାପନ କରୁଛି । ଏହି ଅବସରରେ ମୋର ଗତବର୍ଷର ଆଜି ଦିନହିଁ ମନେ ପଡୁଛି । ଗତ ବର୍ଷର ଏହି ଦିନ ବର୍ତ୍ତମାନର ସରକାର ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ କାର୍ଯ୍ୟଭାର ଗ୍ରହଣ କଲେ । ରାଜ୍ୟବାସୀ ଆମ ଦଳ ଉପରେ ଆସ୍ଥା ରଖି ରାଜ୍ୟର ସର୍ବବିଧ ଉନ୍ନତିର ଦାୟିତ୍ୱ ଆମ ସରକାରଙ୍କ ଉପରେ ନ୍ୟସ୍ତ କରିଥିଲେ । ସରକାର ରାଜ୍ୟର ଅର୍ଥନୈତିକ ବିକାଶ ଓ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ନିଷ୍ଠାପର ଓ ଦୃଢ଼ ପଦକ୍ଷେପମାନ ନେଇଛନ୍ତି ।

2. ମହାଶୟ, 1996-97 ଆର୍ଥିକବର୍ଷ ପାଇଁ ସମ୍ପୂର୍ଣ୍ଣ ବଜେଟ ଉପସ୍ଥାପନ କରିବା ସମ୍ଭବ ହେଉନାହିଁ । ଆସନ୍ତା ଲୋକସଭା ନିର୍ବାଚନ ପରେ କେନ୍ଦ୍ରରେ ନୂତନ ସରକାର କାର୍ଯ୍ୟଭାର ଗ୍ରହଣ କରିବେ । ସେହି ସରକାର ତାଙ୍କର ଯୋଜନା ନୀତି ପ୍ରଣୟନ କରି କେଉଁକେଉଁ କ୍ଷେତ୍ରରେ ଅଗ୍ରାଧିକାର ଦେବେ ତାହା ନିଷ୍ପତ୍ତି କରିବେ । ଆମ ରାଜ୍ୟ କେନ୍ଦ୍ର ସରକାରଙ୍କ ନିକଟରୁ କେତେ ପରିମାଣରେ ରାଜ୍ୟ ଯୋଜନା କାର୍ଯ୍ୟକାରୀ କରିବା ନିମିତ୍ତ ଆର୍ଥିକ ସାହାଯ୍ୟ ପାଇ ପାରିବେ ଓ ଖୋଲା ବଜାରରୁ କେତେ ପରିମାଣରେ ଋଣ ଉଠାଯିବ ନୂତନ କେନ୍ଦ୍ର ସରକାର ତାହା ସ୍ଥିର କରିବେ । ଏ ସବୁ ବିଷୟ ବିଚାରକୁ ନିଆଯାଇ 1996-97 ଆର୍ଥିକ ବର୍ଷ ଲାଗି ରାଜ୍ୟ ଯୋଜନା ପ୍ରସ୍ତୁତ କରାଯାଇ ପାରିବ । ଏହି ମର୍ମରେ ଯୋଜନା କମିଶନଙ୍କ ଠାରୁ ସୂଚନା ମିଳିବା ପରେ 1996-97 ଆର୍ଥିକ ବର୍ଷ ନିମିତ୍ତ ରାଜ୍ୟ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ପ୍ରସ୍ତୁତ କରାନଯାଇ ବର୍ଷର ପ୍ରଥମ ଚାରି ମାସ ନିମନ୍ତେ ଏକ କାମଚଳା ବଜେଟ୍ କରାଯାଇଛି । ସମ୍ବିଧାନ ବ୍ୟବସ୍ଥା ଅନୁଯାୟୀ 1996-97 ଆର୍ଥିକ ବର୍ଷର ପ୍ରଥମ ଚାରି ମାସର ବ୍ୟୟ ମଞ୍ଜୁର ଲାଗି ମୁଁ ଗୃହରେ 2259.88 କୋଟି ଟଙ୍କାର ଲେଖାନୁଦାନ ପ୍ରସ୍ତାବ ଆଗତ କରୁଛି । ଏଥି ମଧ୍ୟରୁ ରାଜସ୍ୱ ବ୍ୟୟ 1781.40 କୋଟି ଟଙ୍କା ହେବ ।

3. ମହାଶୟ, ଉକ୍ତ ଲେଖାନୁଦାନ ସହ ମଧ୍ୟ ମୁଁ ଆସନ୍ତା 1996-97 ଆର୍ଥିକ ବର୍ଷର ଏକ ଆୟ ବ୍ୟୟର ଅଟକଳ ଗୃହରେ ଉପସ୍ଥାପନା କରିଛି । ତାହା ଅନୁଯାୟୀ ଆସନ୍ତା ବର୍ଷରେ ସଙ୍ଗଠିତ ପାଣ୍ଠି, ଆକସ୍ମିକ ପାଣ୍ଠି ଓ ସରକାରୀ ହିସାବରେ ସମୁଦାୟ ଆଦାୟର ପରିମାଣ 9661.69 କୋଟି ଟଙ୍କା ହେବା ସ୍ଥଳେ ସମୁଦାୟ ଖର୍ଚ୍ଚର ପରିମାଣ 9725.78 କୋଟି ଟଙ୍କା ହେବ । ଏଥିମଧ୍ୟରୁ ରାଜସ୍ୱ ହିସାବରେ 4482.55 କୋଟି ଟଙ୍କା ଆଦାୟ ଓ 5285.82 କୋଟି ଟଙ୍କା ବ୍ୟୟ ହେବ ବୋଲି ଏକ ପ୍ରାରମ୍ଭିକଅଟକଳ କରାଯାଇଛି । ଗତ 25-3-95 ତାରିଖରେ ଚଳିତ ଆର୍ଥିକ ବର୍ଷ ପାଇଁ ଲେଖାନୁଦାନ ପ୍ରସ୍ତାବ ଆଗତ କରିବା ବେଳେ ମୁଁ ମାନ୍ୟବର ସଦସ୍ୟମାନଙ୍କୁ ଆମର ଅଣଯୋଜନା ବ୍ୟୟର ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରିଥିଲି ଏବଂ ତାହା ଫଳରେ ଆମର ଯୋଜନା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ନିମନ୍ତେ ସମ୍ବଳ ସଂଗ୍ରହ କିପରି ବାଧାପ୍ରାପ୍ତ ହେଉଛି, ତାହାର ମଧ୍ୟ ସୂଚନା ଦେଇଥିଲି । 1993-94 ଏବଂ 1994-95ରେ ସମୁଦାୟ ଅଣଯୋଜନା ଖର୍ଚ୍ଚ ଯଥାକ୍ରମେ 2577.63 କୋଟି ଟଙ୍କା ଏବଂ 3102.87 କୋଟି ଟଙ୍କା ମଧ୍ୟରୁ ସୁଧ ବାବଦକୁ ଖର୍ଚ୍ଚର ପରିମାଣ ଯଥାକ୍ରମେ 682.76 କୋଟି ଟଙ୍କା ଏବଂ 786.72 କୋଟି ଟଙ୍କା ଥିଲା । ଅବଶିଷ୍ଟ ଅଣଯୋଜନା ରାଜସ୍ୱ ଖର୍ଚ୍ଚର ପରିମାଣ 1894.77 କୋଟି ଓ 2316.15 କୋଟି ଟଙ୍କା ହେଲା । 1995-96ରେ ଅଣ ଯୋଜନା ରାଜସ୍ୱ ଖର୍ଚ୍ଚର ସଂଶୋଧିତ ଅଟକଳ 3750.58 କୋଟି ଟଙ୍କା ମଧ୍ୟରୁ ସୁଧର ଦେୟ ପରିମାଣ 937.85 କୋଟି ଟଙ୍କା ବାଦ ଦେଲେ ଅନ୍ୟାନ୍ୟ ରାଜସ୍ୱ ଖର୍ଚ୍ଚର ପରିମାଣ 2812.73 କୋଟି ଟଙ୍କା ହେଉଛି । ଏହା 1994-95ର ତତ୍ତୁଲ୍ୟ ଖର୍ଚ୍ଚ ଅପେକ୍ଷା ପ୍ରାୟ 500 କୋଟି ଟଙ୍କା ଅଧିକ । 1995-96 ଆର୍ଥିକ ବର୍ଷରେ ଆମ ସରକାର ଦରମା, ପେନସନ୍, ସ୍ଥାବର ସମ୍ପତ୍ତି ରକ୍ଷଣାବେକ୍ଷଣ ଇତ୍ୟାଦି ଖର୍ଚ୍ଚ ବ୍ୟତୀତ ଆମ ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ଅନେକଗୁଡିଏ କାର୍ଯ୍ୟକ୍ରମର ଖର୍ଚ୍ଚ ଅଣଯୋଜନା ରାଜସ୍ୱ ବ୍ୟୟର ପରିସରଭୁକ୍ତ କଲେ । ତାହା ହେଲା, ଚାଉଳ ରିହାତି ଦରରେ ଯୋଗାଣ, କୃଷି ଋଣ ପରିଶୋଧ ଜନିତ ସୁଧର ଭାର ବହନ, ବାର୍ଦ୍ଧକ୍ୟ ଭତ୍ତାର ପରିସର ବୃଦ୍ଧି ଏବଂ ଗରିବ ଓ ମେଧାବୀ ଛାତ୍ରମାନଙ୍କୁ ବୃତ୍ତି ପ୍ରଦାନ ଇତ୍ୟାଦି । ଏତଦ୍ ବ୍ୟତୀତ ଆମ ସରକାର କର୍ମଚାରୀମାନଙ୍କୁ ଚଳିତବର୍ଷ ମାସକୁ 100 ଟଙ୍କା ଲେଖାଏଁ ମଧ୍ୟବର୍ତ୍ତୀକାଳୀନ

ରିଲିଫ୍ ମଞ୍ଜୁର କରିଛନ୍ତି । 1996-97 ଆର୍ଥିକ ବର୍ଷ ନିମନ୍ତେ ମାସକୁ 100 ଟଙ୍କା ହାର ବ୍ୟତୀତ ସେମାନଙ୍କୁ ମାସକୁ ସେମାନଙ୍କର ଦରମାର ଶତକଡା 10 ଭାଗ ମଧ୍ୟବର୍ତ୍ତୀକାଳୀନ ରିଲିଫ୍ ପ୍ରଦାନ କରାଯିବ । ଅନ୍ୟ ସମସ୍ତ ଖର୍ଚ୍ଚର ଭାର ବହନ କରିବା ନିମନ୍ତେ ବ୍ୟବସ୍ଥା ହୋଇ ମଧ୍ୟ ଆମେ ସମୁଦାୟ ଅଣଯୋଜନା ରାଜସ୍ୱ ଖର୍ଚ୍ଚକୁ 3938.47 କୋଟି ଟଙ୍କା ମଧ୍ୟରେ ସୀମିତ କରି ପାରିଛୁ ଏବଂ ସୁଧ ଦେୟ ବାବଦକୁ 1084.82 କୋଟି ଟଙ୍କା ବାଦ୍ ଦେଲେ ଅବଶିଷ୍ଟ ଖର୍ଚ୍ଚ 2853.65 କୋଟି ଟଙ୍କା ମଧ୍ୟରେ ସୀମିତ ରଖାଯାଇ ପାରିଛି, ତାହା ଚଳିତ ବର୍ଷର ତତ୍ତୁଲ୍ୟ ଖର୍ଚ୍ଚ ଅପେକ୍ଷା ମାତ୍ର 40.92 କୋଟି ଟଙ୍କା ଅଧିକ ହେବ ।

4. ମହାଶୟ, କେବଳ ଅଣଯୋଜନା ରାଜସ୍ୱ ଖର୍ଚ୍ଚ ପରିମାଣକୁ ଯେ ସଙ୍କୁଚିତ କରିବା ପାଇଁ ପ୍ରୟାସ ହୋଇଛି ତାହା ନୁହେଁ, ରାଜ୍ୟର ଟିକସ ଏବଂ ଅଣଟିକସ ସଂଗ୍ରହ କରିବାରେ ସମସ୍ତ ପ୍ରକାର ଉଦ୍ୟମ ମଧ୍ୟ ଅବ୍ୟାହତ ରଖାଯାଇଛି । ଚଳିତ ବର୍ଷ ରାଜ୍ୟର ଗରିବ ଜନସାଧାରଣଙ୍କ ଉପରେ ମାତ୍ରାଧିକ ଟିକସର ବୋଝ ଲଦି ନଦେଇ ଯୋଜନା ଖର୍ଚ୍ଚ ପାଇଁ କିପରି ସମ୍ବଳ ସଂଗ୍ରହ କରାଯାଇ ପାରିବ ସେଥିପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରାଯାଇଛି । ଯାହା ଫଳରେ 1994-95 ମସିହାରେ ଟିକସ ସୂତ୍ରରୁ 1022.61 କୋଟି ଟଙ୍କା ଆଦାୟ ହୋଇଥିବା ସ୍ଥଳେ ଚଳିତ ବର୍ଷର ସଂଶୋଧିତ ଅଟକଳ ଅନୁସାରେ ତାହା 1204.63 କୋଟି ଟଙ୍କା ହେବ ଓ ଆସନ୍ତା ବର୍ଷ ଏହି ସୂତ୍ରରୁ 1321.58 କୋଟି ଟଙ୍କା ଆଦାୟ ହେବାର ପ୍ରାରମ୍ଭିକ ଅଟକଳ କରାଯାଇଛି । ଚଳିତ ବର୍ଷ ଅତିରିକ୍ତ ସମ୍ବଳ ସଂଗ୍ରହ ନିମନ୍ତେ ଯେତେଗୁଡ଼ିଏ ପଦକ୍ଷେପ ନିଆଯାଇଛି ସେ ସବୁର ସମ୍ପୂର୍ଣ୍ଣ ଫଳ ଆସନ୍ତା ବର୍ଷ ଆମେ ହାସଲ କରି ପାରିବୁ । ତଥାପି ସମ୍ବଳର ଅଭାବ ଯୋଗୁ ରାଜ୍ୟର ଦ୍ରୁତ ଅର୍ଥନୈତିକ ବିକାଶ ବାଧାପ୍ରାପ୍ତ ହୋଇଥିବାରୁ ଆଭ୍ୟନ୍ତରୀଣ ସମ୍ବଳ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯିବା ସଙ୍ଗେସଙ୍ଗେ ଅର୍ଥ ଲଗାଣକାରୀ ସଂସ୍ଥାମାନଙ୍କଠାରୁ ଅଧିକ ଅର୍ଥ ବିନିଯୋଗ କରିବା ଏବଂ ବୈଦେଶିକ ସାହାଯ୍ୟ ଆଣିବା ନିମନ୍ତେ ସରକାରଙ୍କ ଦ୍ୱାରା ନିଷ୍ଠାପର ଉଦ୍ୟମ କରାଯାଇଛି ।

5. ମାନ୍ୟବର ସଦସ୍ୟମାନଙ୍କୁ ବର୍ତ୍ତମାନ କେଉଁ ପରିସ୍ଥିତିରେ 1996-97 ଆର୍ଥିକ ବର୍ଷର ରାଜ୍ୟ ଯୋଜନାକୁ ଚୂଡାନ୍ତ ରୂପରେଖ ଦେବା ସମ୍ଭବପର ହୋଇପାରିନାହିଁ ତା'ର କାରଣ ବିଷୟରେ ମୁଁ ଆଗରୁ ସୂଚନା ଦେଇଛି । 1995-96 ବର୍ଷର ରାଜ୍ୟ ଯୋଜନା ନିମନ୍ତେ 1650 କୋଟି ଟଙ୍କାର ଅର୍ଥ ବିନିଯୋଗ ବରାଦ ହୋଇଥିଲା । 1996-97 ଆର୍ଥିକ ବର୍ଷ ପାଇଁ ତାହା 1759.85 କୋଟି ଟଙ୍କା ହେବ ବୋଲି ବର୍ତ୍ତମାନ ପାଇଁ ଅଟକଳ କରାଯାଇଛି । ଉକ୍ତ ରାଜ୍ୟ ଯୋଜନା ବ୍ୟୟ ବରାଦ ମଧ୍ୟରୁ ଚଳିତ ବର୍ଷର ବିଭିନ୍ନ ବହିଃସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ ବାବଦ 388.92 କୋଟି ବ୍ୟୟ ବରାଦ ହୋଇଥିବା ସ୍ଥଳେ ଆସନ୍ତା ବର୍ଷ ଏହି ପ୍ରକଳ୍ପମାନଙ୍କ ପାଇଁ 442 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

6. ମହାଶୟ, ଉପରୋକ୍ତ ପ୍ରକାରେ ଆସନ୍ତା 1996-97 ଆର୍ଥିକ ବର୍ଷର ପ୍ରଥମ ଚାରି ମାସର ଏହି ଲେଖାନୁଦାନ ରାଜ୍ୟରେ ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକାରର ଅଣଯୋଜନା ଓ ଯୋଜନା କାର୍ଯ୍ୟକ୍ରମ ନିମନ୍ତେ ଉଦ୍ଦିଷ୍ଟ ଅଟେ । ଇତି ମଧ୍ୟରେ ଆମ ସରକାର ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ନୂତନ ଶିଳ୍ପନୀତି ଓ କୃଷିନୀତି ଘୋଷଣା କରିଛନ୍ତି । ଏହି ପ୍ରଗତିଶୀଳ ନୀତିଗୁଡିକର ସଫଳ ରୂପାୟନ ନିମନ୍ତେ ନିଷ୍ଠାପର ଉଦ୍ୟମ କରାଯିବ । ଆମ ସରକାର ସାମାଜିକ ସୁରକ୍ଷା ବ୍ୟବସ୍ଥାର ସୁଦୃଢୀକରଣ ପାଇଁ ଚଳିତ ବର୍ଷ ଯେଉଁ କାର୍ଯ୍ୟକ୍ରମମାନ ଆରମ୍ଭ କରିଛନ୍ତି, ସେଥିପାଇଁ ଲେଖାନୁଦାନରେ ପର୍ଯ୍ୟାପ୍ତ ବ୍ୟୟ ବରାଦ କରାଯାଇଛି । ତେଣୁ ଏହି ଚାରି ମାସ ମଧ୍ୟରେ କୌଣସି ବିକାଶମୂଳକ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେବ ନାହିଁ ବୋଲି ମୁଁ ମାନ୍ୟବର ସଦସ୍ୟମାନଙ୍କୁ ଦୃଢ ପ୍ରତିଶ୍ରୁତି ଦେଉଛି । ମୋର ଦୃଢ ବିଶ୍ୱାସ ଆସନ୍ତା ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍‌ରେ କେନ୍ଦ୍ରୀୟ ଓ ବୈଦେଶିକ ଆର୍ଥିକ ସହାୟତା ମାଧ୍ୟମରେ ଆମେ ଅନେକ ନୂତନ କାର୍ଯ୍ୟକ୍ରମ ହାତକୁ ନେଇ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଯଥାସାଧ୍ୟ ଚେଷ୍ଟା କରିବୁ । ଏଥି ନିମନ୍ତେ ମୁଁ ଏ ଗୃହର ମାନ୍ୟବର ସଦସ୍ୟମାନଙ୍କର ଆନ୍ତରିକ ସହଯୋଗ କାମନା କରୁଛି ।

ଜୟହିନ୍ଦ୍

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦